## ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟ, ଓଡିଶା, କଟକ

**SAMS**
Student Academic Management System

### ରାଜ୍ୟର ସରକାରୀ ଓ ବେସରକାରୀ ଆଇ.ଟି.ଆଇ. ମାନଙ୍କରେ
### ୨୦୨୨-୨୩ ଶିକ୍ଷାବର୍ଷର ନାମଲେଖା ବିଜ୍ଞାପନ ।

ଆଇ.ଟି.ଆଇ. ତାଲିମ ନିମିତ୍ତ ଇଚ୍ଛୁକ ଛାତ୍ରଛାତ୍ରୀ ମାନଙ୍କୁ ସୁଚାଇଦିଆଯାଉ ଅଛି ଯେ ୨୦୨୨-୨୩ ଶିକ୍ଷାବର୍ଷରେ ରାଜ୍ୟର ସରକାରୀ ଓ ବେସରକାରୀ ଆଇ.ଟି.ଆଇ. ମାନଙ୍କରେ SAMS ଜରିଆରେ କେନ୍ଦ୍ରୀୟ ଅନଲାଇନ ପଦ୍ଧତିରେ ନାମଲେଖାଯିବ ଓ ଏଥିପାଇଁ ଅନଲାଇନ ମାଧ୍ୟମରେ ଆବେଦନପତ୍ର **ତା ୨୩.୦୬.୨୦୨୨** ରିଖ ଠାରୁ ଗ୍ରହଣ କରାଯିବ ।

**ନାମଲେଖା ପ୍ରଣାଳୀ:**

କ) ଆବେଦନକାରୀ ତା- ୧.୦୮.୨୦୨୨ ରିଖ ସୁଦ୍ଧା ୧୪ ବର୍ଷ ବୟସର ହୋଇଥିବେ କିନ୍ତୁ ସର୍ବାଧିକ ବୟସ ସୀମା କିଛି ନାହିଁ ।

ଖ) ବିଭିନ୍ନ ଇଞ୍ଜିନିୟରିଂ ଏବଂ ଅଣ ଇଞ୍ଜିନିୟରିଂ ଟ୍ରେଡ ପାଇଁ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା (୧୦ମ ଶ୍ରେଣୀ ପାସ / ଅଷ୍ଟମ ଶ୍ରେଣୀ ପାସ) ସମ୍ବଧୀୟ ତଥ୍ୟ SAMS ପୋର୍ଟାଲ www.samsodisha.gov.in ବା www.dtetodisha.gov.in ରେ ଉପଲବ୍ଧ ଅଛି ।

ଗ) SAMS ପୋର୍ଟାଲ www.samsodisha.gov.in ବା www.dtetodisha.gov.in ରେ ଲଗିନ କରି ପ୍ରଥମ ପର୍ଯ୍ୟାୟରେ **ତା ୧୨.୦୭.୨୦୨୨** ମଧ୍ୟରେ online ରେ ଆବେଦନ କରିପାରିବେ ।

ଘ) ଆବେଦନକାରୀ ମାନେ ପ୍ରଚଳିତ SAMS ଅନଲାଇନ ନାମଲେଖା ପ୍ରଣାଳୀରେ ମାଟ୍ରିକ ମାର୍କ ଓ ଜାତିଗତ ପ୍ରମାଣ ପତ୍ରର ଅଟୋ ଭାଲିଡେସନର ସୁବିଧା ନେଇପାରିବେ । ଅଟୋ ଭାଲିଡେସନ କରିପାରୁନଥିବା ଆବେଦ ନକାରୀମାନେ ନିକଟସ୍ଥ ଯେକୌଣସି ନୋଡାଲ ସେଣ୍ଟରରେ (ସରକାରୀ ଆଇ.ଟି.ଆଇ.) ନିଜ ନିଜର ପ୍ରମାଣ ପତ୍ର ଭାଲିଡେସନ କରିପାରିବେ ।

ଙ) ସୁଚନା ଯୋଗ୍ୟଯେ , ଚଳିତ ଶିକ୍ଷାବର୍ଷରେ ୧୧ଗୋଟି ନୂତନ ସରକାରୀ ଆଇ .ଟି.ଆଇ ଏନସିଭିଇଟି , ନିଉଦିଲ୍ଲୀଙ୍କ ଦ୍ୱାରା ସହବନ୍ଧିକୃତ ହୋଇ ପରିଚାଳିତ ହେବାକୁ ପଦକ୍ଷେପ ନିଆଯାଇଅଛି । ସୁନ୍ଦରଗଡ ଜିଲ୍ଲାର କୋଇଡାଠାରେ ନୂତନ ଆଇ.ଟି.ଆଇ OMC ସହାୟତାରେ ଖଣିଜ କ୍ଷେତ୍ରରେ ଏକ ଉତ୍କର୍ଷ କେନ୍ଦ୍ର ଭାବରେ ପରିଚାଳିତ କରିବାର ବିଧିବଦ୍ଧ ପଦକ୍ଷେପ ନିଆଯାଇଅଛି ।

ଚ) ଅଧିକ ବିବରଣୀ ନିମିତ୍ତ , **ପ୍ରାର୍ଥୀ ସହାୟତା ଟୋଲ ଫ୍ରି ନମ୍ବର - ସଂଯୋଗ Helpline-୧୫୫୩୩୫ କିମ୍ବା** ୧୮୦୦-**୩୪୫-୬୭୭୦ ବା** ନିକଟସ୍ଥ ସରକାରୀ ଆଇ.ଟି.ଆଇ.ରେ ଯୋଗାଯୋଗ କରି କୁଶଳୀ କାରିଗର ହେବାପାଇଁ ଏହି ସୁଯୋଗ ନିଅନ୍ତୁ ।

**ସ୍ୱା/-**
**ନିର୍ଦ୍ଦେଶକ,**
**ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟ, ଓଡିଶା**